ତହସିଲଦାରଙ୍କ କାର୍ଯ୍ୟାଳୟ, ମୋରଡା, ଚିତ୍ରଡା, ମୟୂରଭଞ୍ଜ :- " **ସର୍ବସାଧାରଣ ଇସ୍ତାହାର, ଲିଜ କେଶ ନଂ. ୧୩୩ /୨୦୨୫** "

Office of the Tahasildar Morada, Chitrada, Mayurbhanj: "**GENERAL Lease Misc Case No. 133/2025** "

Tahasildar, Morada

# ତହସିଲଦାରଙ୍କ କାର୍ଯ୍ୟାଳୟ, ମୋରଡା

ଇସ୍ତାହାର　　　　　　　　ମିସ କେଶ ନଂ- ୧୩୩/୨୦୨୫

ନଂ ୧୩୧୩ //ତା ୧୩.୦୫.୨୦୨୫ରିଖ//

ଏତଦ୍ଦ୍ୱାରା ଏହି ତହସିଲ ଅଧିନସ୍ଥ ସନ୍ୟାସୀ ଗ୍ରାମର ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ଗ୍ରାମର ଆବାଦ ଯୋଗ୍ୟ ଅନାବାଦୀ ଖାତା ରୁ ଏ ୦.୩୦ ଡେସିମିଲ ପରିମିତ ପଥରବଣି ଜମିକୁ ଖାତା ଓ କିସମ ବଦଳି କରାଯାଇ ସରକାରୀ ଆବାଦ ଯୋଗ୍ୟ ଅନାବାଦୀ ଖାତାରେ ପତିତ କିସମ ଦରଜ କରି ଅବକାରୀ ବିଭାଗଙ୍କ ଅବକାରୀ କେନ୍ଦ୍ର ନିର୍ମାଣ ନିମନ୍ତେ SITE SELECTION COMMITTEE ଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଅଛି / ଏହି ଇସ୍ତାହାର ଜାରି ହେବାର ୧୫ ( ପନ୍ଦର ) ଦିନ ମଧ୍ୟରେ ପ୍ରସ୍ତାବିତ ଖାତା ଏ କିସମ ବଦଳି ବିରୁଦ୍ଧରେ ଲିଖିତ ଆପତ୍ତି କରିପାରିବେ / ଉକ୍ତ ସମୟ ଗଲେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ହେବ ନାହିଁ / ଏହା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇଦିଆଗଲା /

## ତଫସିଲ

ମୌଜାର ନାମ- ସନ୍ୟାସୀ　ଥାନାର ନାମ- ମୋରଡା　ନଂ- ୭୩

| ଖାତା ନଂ | ପ୍ଲଟ ନଂ | କିସମ | ରକବା | ପ୍ରସ୍ତାବିତ ଖାତା / କିସମ |
|---|---|---|---|---|
| ୧୦୮ | ୬୯ | ପଥରବଣି | ଏ ୦.୩୦ ଡେସିମିଲ | ଆବାଦ ଯୋଗ୍ୟ ଅନାବାଦୀ/ ପତିତ |

ଏହାର ଏକକିତା ନକଲ ସନ୍ୟାସୀ ମୌଜାରେ ଢେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ, ମୋରଡା / ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ମୋରଡା / ରାଜସ୍ୱ ନିରୀକ୍ଷକ, ମୋରଡାଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ମୋରଡା ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

ତହସିଲଦାର, ମୋରଡା